ରିପୋର୍ଟଯୋଗ୍ୟ

ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ

ଦେୱାନୀ ଆବେଦନ କ୍ଷେତ୍ରାଧିକାର

**ଦେୱାନୀ ଆବେଦନ ସଂଖ୍ୟା. ୩୬୪୧/୨୦୨୨**

ସୁଧୀର ରଞ୍ଜନ ପାତ୍ର (ମୃତ) ଉତ୍ତରାଧିକାରୀମାନଙ୍କ ଜରିଆରେ ଏବଂ ଅନ୍ୟଜଣେ.....ଆବେଦନକାରୀ(ମାନେ)

ବନାମ

ହିମାଂଶୁ ଶେଖର ଶ୍ରୀଚନ୍ଦନ ଏବଂ ଅନ୍ୟମାନେ ........ଉତ୍ତରଦାତା (ମାନେ)

ସହିତ

**ଦେୱାନୀ ଆବେଦନ ସଂଖ୍ୟା. ୩୬୪୨/୨୦୨୨**

**ରାୟ**

**ଏମ୍. ଆର. ଶାହ, ବିଚାରପତି**

୧. ଦେୱାନୀ କାର୍ଯବିଧି ସଂହିତା(ସିପିସି)ଅଧୀନରେ ଥିବା ଆଦେଶ ୯ନିୟମ 13ଦ୍ୱାରା କ୍ଷମତା ପ୍ରୟୋଗ କରି ବିଚାରକରୁଥିବା ଅଦାଲତ ଅଗ୍ରାହ୍ୟ କରିଥିବା ଏକତରଫା ବିଚାରାଦେଶକୁ କଟକ ସ୍ଥିତ ଉଚ୍ଚ ନ୍ୟାୟାଳୟ ଯଦିଓ ସୁନିଶ୍ଚିତ କରିଛନ୍ତି କିନ୍ତୁ ଅନୁଭବ କରିଛନ୍ତି ଯେ ଏଠାରେ ଆବେଦନକାରୀ ପ୍ରତିବାଦୀ ସଂଖ୍ୟା ୨ ଏବଂ ୩ଙ୍କୁ ଲିଖିତ ବୟାନ ଦାଖଲ କରିବା ପାଇଁ ଅନୁମତି ପ୍ରଦାନ କରାଯାଇ ପାରିବ ନାହିଁ | ତା ୦୪.୦୨.୨୦୨୨ରିଖରେ ସିଏମପି ସଂଖ୍ୟା ୧୪୨୩/୨୦୧୯ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆକ୍ଷେପିତ ରାୟ ଏବଂ ଆଦେଶରେ ବ୍ୟଥିତ ଏବଂ ଦୁଃଖିତ ବୋଧ କରି ଏଠାରେ ଆବେଦନକାରୀମାନେ – ମୂଳ ପ୍ରତିବାଦୀମାନେ (୧ରୁ ୩) ବର୍ତ୍ତମାନର ଆବେଦନ କରିଛନ୍ତି | ଏହିଠାରେ ଥିବା ଆବେଦନକାରୀ-ମୂଳ ପ୍ରତିବାଦୀ ସଂଖ୍ୟା ୧ରୁ ୩ ବର୍ତ୍ତମାନର ଆବେଦନ ଦାଖଲ କରିଛନ୍ତି |

୨. ବର୍ତ୍ତମାନର ଆବେଦନକଗୁଡିକୁ ପ୍ରୋତ୍ସାହିତ କରୁଥିବା ତଥ୍ୟ ସଂକ୍ଷେପରେ ନିମ୍ନରେ ଦିଆଗଲା:

୨.୧ ଏଠାରେ ପ୍ରଥମ ଉତ୍ତରଦାତା-ଯିଏକି ମୂଳ ବାଦୀ ସୂଚୀତ ଜମିର ଅଧିକାର ,ସ୍ୱତ୍ୱ, ସ୍ୱାର୍ଥ ଏବଂ ଦଖଲ ଘୋଷଣା କରିବା ପାଇଁ ଏକ ଦେୱାନୀ ମକଦ୍ଦମା ସଂଖ୍ୟା ୧୭୮୩/୨୦୧୧କରିଛନ୍ତି ମୂଳ ବାଦୀ ମଧ୍ୟ ଏକ ବିଚାରାଦେଶ ଘୋଷଣା ପାଇଁ ପ୍ରାର୍ଥନା କରିଥିଲେ ଯେ ମୂଳ ପ୍ରତିବାଦୀ୨ଙ୍କର ବିବାଦିତ ଜମିକୁ କାହାକୁ ହସ୍ତାନ୍ତର କରିବାର ଅଧିକାର ନାହିଁ ଏବଂ ୨୦୦୦ ମସିହାର ୩୫୩୦ ଏବଂ ୩୫୩୩ ସଂଖ୍ୟା ଥିବା ଦୁଇଟି ପଞ୍ଜିକୃତ ବିକ୍ରୟ କବଲା ବାଦୀ ଏବଂ ୪ ଓ ୫ ପ୍ରତିବାଦୀଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ ବୋଲି

ଘୋଷଣା କରିବା ପାଇଁ ମଧ୍ଯ ଅନୁରୋଧ କରିଥିଲେ।ମୂଳ ପ୍ରତିବାଦୀ ସଂଖ୍ୟା ୧ ରୁ ୩ ବିରୋଧରେ ସ୍ଥାୟୀ କଟକଣା ଜାରି କରିବା ଲାଗି ମଧ୍ଯ ଆବେଦନ କରାଯାଇଥିଲା।ଏହି ମାମଲାରେ ଆବେଦନକାରୀମାନେ-ମୂଳ ପ୍ରତିବାଦୀ ସଂଖ୍ୟା ୨ ଏବଂ ୩ ତା୨୦.୦୩.୨୦୧୨ରିଖରେ ମକଦ୍ଦମାରେ ହାଜର ହୋଇଥିଲେ ଏବଂ ସେମାନଙ୍କ ଲିଖିତ ବିବୃତି ଦାଖଲ କରିବା ପାଇଁ ସମୟ ମାଗି ଥିଲେ ।ତେବେ ଅନେକ ଥର ମାମଲା ମୁଲତବୀ ହେବା ସତ୍ତ୍ୱେ ସେମାନେ ଲିଖିତ ବିବୃତି ଦାଖଲ କରିନଥିଲେ।ଯେଉଁଥିରେ ଆବେଦନକାରୀମାନେ-ମୂଳ ପ୍ରତିବାଦୀ ସଂଖ୍ୟା ୨ ଏବଂ ୩ ସେମାନଙ୍କ ଲିଖିତ ବିବୃତି ଦାଖଲ କରିନଥିଲେ।ଏହାପରେ,ଏହି ମାମଲା ଗୁଡିକ ବିଚାର କରୁଥିବା ଅଦାଲତଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ତା୨୭.୦୩.୨୦୧୭ରିଖରେ ଅଭିଯୋଗକାରୀ ବାଧ୍ୟତାମୂଳକ ଭାବେ ସେମାନଙ୍କର ମୁଖ୍ୟ ସାକ୍ଷ୍ୟ ଏକ ସତ୍ୟପାଠ ଦ୍ୱାରା ଦାଖଲ କରିଥିଲେ।ତା ୦୪.୦୭.୨୦୧୭ରିଖରେ ଯେତେବେଳେ ଏହି ମାମଲାର ଶୁଣାଣି ପାଇଁ ଡକାଯାଇଥିଲା, ସେତେବେଳେ ଆବେଦନକାରୀମାନେ-ମୂଳ ପ୍ରତିବାଦୀ ସଂଖ୍ୟା ୨ ଏବଂ ୩ ଅନୁପସ୍ଥିତ ଥିଲେ ଏବଂ ସେଥିପାଇଁ ସେମାନଙ୍କୁ ଏକତରଫା ଘୋଷଣା କରାଯାଇଥିଲା।ଏହାପରେ, ବାଦୀ ତରଫରୁ, ବାଦୀ ସାକ୍ଷୀ ସଂଖ୍ୟା ୧ର ପରୀକ୍ଷା କରାଯାଇଥିଲା।ଏହି ମାମଲାର ତର୍କ ବିତର୍କ ପାଇଁ ତା ୧୫.୦୭.୨୦୧୭ରିଖ ଧାର୍ଯ୍ୟ କରାଯାଇଥିଲା।ସେହି ତାରିଖରେ, ମୂଳ ପ୍ରତିବାଦୀମାନେ ୧ ରୁ ୩ ମଧ୍ଯ ମୁଲତବୀ ପାଇଁ ଆବେଦନ କରିଥିଲେ, ଯାହା ପାଇଁ ମାମଲା ତା ୧୭.୦୭.୨୦୧୭ ରିଖ ପର୍ଯ୍ୟନ୍ତ ସ୍ଥଗିତ ରହିଥିଲା, ସେହି ତାରିଖରେ ଯୁକ୍ତିତର୍କର ଶୁଣାଣି ହୋଇଥିଲା ଏବଂ ୧୮.୦୮.୨୦୧୭ ରିଖରେ ରେ ରାୟ ଘୋଷଣା କରଯାଇଥିଲା । ବିଦ୍ୱାନ ବିଚାର କରୁଥିବା ଅଦାଲତ ଏକ ଏକପାଖିଆ ବିଚାରାଦେଶ ପାରିତ କରିଥିଲେ।

ପରବର୍ତ୍ତୀ ସମୟରେ, ଏଠାରେ ଆବେଦନକାରୀମାନେ-ମୂଳ ପ୍ରତିବାଦୀ ସଂଖ୍ୟା ୨ ଏବଂ ୩ ଏକତରଫା ବିଚାରାଦେଶ କୁ ଅଗ୍ରାହ୍ୟ କରିବାପାଇଁ ଦେୱାନୀ କାର୍ଯବିଧି ସଂହିତା ର ଆଦେଶ ୯ ନିୟମ ୧୩ ଅଧୀନରେ ସିଏମଏ ସଂଖ୍ୟା ୩୧/୨୦୧୮ ଦାଖଲ କରିଥିଲେଏବଂ ତା ସହିତ ବିଳମ୍ବିତ ଆବେଦନକୁ କ୍ଷମାଦାନ ପାଇଁ ସୀମାବନ୍ଧନ ଅଧିନିୟମ ଧାରା ୫ ଅଧୀନରେ ଏକ ଆବେଦନ କରିଥିଲେ |ଏଠାରେ ଆବେଦନକାରୀମାନେ-ମୂଳ ପ୍ରତିବାଦୀ ସଂଖ୍ୟା ୨ ଓ ୩ ମଧ୍ଯ ଲିଖିତ ବିବୃତି ଦାଖଲ କରିବା ପାଇଁ ଏବଂ ମକଦ୍ଦମାର ମାନ ଆଧାରରେ ଶୁଣିବାପାଇଁ ପ୍ରାର୍ଥନା କରିଥିଲେ| ତା ୦୫.୧୨.୨୦୧୯ରିଖର ବିଦ୍ୱାନ ବିଚାର କରୁଥିବା ଅଦାଲତ ବିଳମ୍ବିତ ଆବେଦନକୁ କ୍ଷମା କରି ସିଏମଏକୁ ଅନୁମତି ଦେଇଥିଲେ।

୨.୨ ବିଦ୍ୱାନ ବିଚାର କରୁଥିବା ଅଦାଲତଙ୍କ ଦ୍ୱାରା ତା୦୫.୧୨.୨୦୧୯ରଖରେ ସିଏମଏ ସଂଖ୍ୟା ୩୧/୨୦୧୮ରେ ଦିଆଯାଇଥିବା ଅନୁମତି ଆଦେଶ ହେତୁ ବ୍ୟଥିତ ଏବଂ ଅସନ୍ତୋଷ ହୋଇ,ମୂଳ ବାଦୀ-ଉତ୍ତରଦାତା ସଂଖ୍ୟା-୧ ଏଠାରେ ସିଏମପି ସଂଖ୍ୟା ୧୪୨୩/୨୦୧୯ ଉଚ୍ଚ ନ୍ୟାୟାଳୟ ରେ ଦାଖଲ କରିଛନ୍ତି |ବିଳମ୍ବ ଏବଂ ଏକତରଫା ବିଚାରାଦେଶକୁ ଖାରଜ କରି ବିଚାର କରୁଥିବା ଅଦାଲତଙ୍କ ଦ୍ୱାରା ହୋଇଥିବା ଆକ୍ଷେପିତ ରାୟର ଆଦେଶକୁ ଉଚ୍ଚ ନ୍ୟାୟାଳୟ ସ୍ୱୀକାର କରିଥିଲେ ମଧ୍ୟ ଉଚ୍ଚ ନ୍ୟାୟାଳୟ ଏକ ଆଦେଶ ଜାରି କରିଛନ୍ତି ଯେ ଏକତରଫା ବିଚାରାଦେଶକୁ ରଦ୍ଦ କରିବା ପରେ ଏବଂ ତଦନୁସାରେ ମାମଲା ଦାୟର କରିବା ପାଇଁ ପୁନଃସ୍ଥାପିତ ହେବା ପରେ, ବାଦୀ ସଂଖ୍ୟା ୨ ଓ ୩ ଙ୍କୁ ସେମାନଙ୍କ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ ଏବଂ ସେମାନେ ନିଜର ମାମଲା ଉପସ୍ଥାପନ ନକରି କେବଳ ମାମଲାର ଶୁଣାଣିରେ ଭାଗ ନେଇପାରିବେ। ହାଇକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ସେମାନେ କେବଳ ରେକର୍ଡରେ ଉପଲବ୍ଧ ସାମଗ୍ରୀ ଆଧାରରେ ସେମାନଙ୍କ ଯୁକ୍ତିକୁ ଆଗକୁ ବଢ଼ାଇ ପାରିବେ।

୨.୩ ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶକୁ ନେଇ ଅସନ୍ତୁଷ୍ଟ ହୋଇ ପ୍ରତିବାଦୀ ନଂ. ୨ ଏବଂ ୩ଙ୍କୁ ସେମାନଙ୍କ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ ଏବଂ ସେମାନେ କେବଳ ନିଜ ମାମଲା ଉପସ୍ଥାପନ ନକରି ମାମଲାର ଶୁଣାଣିରେ ଭାଗ ନେଇପାରିବେ, ମୂଳ ପ୍ରତିବାଦୀ ନଂ. ୧ ରୁ ୩ ଏଠାରେ ବର୍ତ୍ତମାନର ଅପିଲ ଉପସ୍ଥାପନ କରିଛନ୍ତି।

୩. ଏଠାରେ ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ-ମୂଳ ବିପକ୍ଷ ନଂ. ୨ ଏବଂ ୩ ଦୃଢ଼ତାର ସହ ଉପସ୍ଥାପନ କରିଛନ୍ତି ଯେ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟ ଏହି ଆଦେଶ ଜାରି କରିବାରେ ଗୁରୁତର ତ୍ରୁଟି କରିଛନ୍ତି ଯେ ଏଠାରେ ଅଭିଯୁକ୍ତ ବିପକ୍ଷ ନଂ. ୨ ଏବଂ ୩ ରେ ଆବେଦନକାରୀଙ୍କୁ ସେମାନଙ୍କ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ।

୩.୧ ଏହା ଜୋରଦାର ଭାବେ ଉପସ୍ଥାପନା କରାଗଲା ଯେ ଥରେ ଏକ ପକ୍ଷୀୟ ବିଚାରାଦେଶକୁ ଅଗ୍ରାହ୍ୟ କରି ମାମଲାକୁ ପୁନଃସ୍ଥାପିତ କରାଯିବାପରେ, ଯାହାକି ଉଚ୍ଚ ନ୍ୟାୟାଳୟ ଦ୍ୱାରା ବଜାୟ ରହିଛି, ସେହି ଏକ ପକ୍ଷୀୟ ବିଚାରାଦେଶକୁ ଅଗ୍ରାହ୍ୟ ଓ ମାମଲାର ପୁନଃସ୍ଥାପନ କରିବା ହେତୁ ପ୍ରତିବାଦି ସଂଖ୍ୟା ୨ ଓ ୩ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ ଭଳି ପୁନର୍ବାର ଏକ ଆଦେଶ ଦେବା ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷେ ସମ୍ଭବ ନୁହେଁ |

୩.୨ ଏହା ଦାଖଲ କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟରେ ଯାହା ଆପତ୍ତି କରାଯାଇଥିଲା ତାହା ହେଉଛି ବିଦ୍ୱାନ ବିଚାର କରୁଥିବା ଅଦାଲତଙ୍କ ଦ୍ୱାରା ଆକ୍ଷେପିତ ଆଦେଶ ।

ବିଳମ୍ବକୁ କ୍ଷମା କରିବା ଏବଂ ଏକତରଫା ବିଚାରାଦେଶକୁ  ରଦ୍ଦ କରିବା । ଏହା ଦାଖଲ କରାଗଲା ଯେ, ତେଣୁ, ପ୍ରତିବାଦୀ ସଂଖ୍ୟା ୨ ଏବଂ ୩କୁ ସେମାନଙ୍କ ଲିଖିତ ବିବୃତି ଦାଖଲ କରିବା ଲାଗି ଅନୁମତି ଦିଆଯାଇ ପାରିବ ନାହିଁ ବୋଲି ଦର୍ଶାଇ ଉଚ୍ଚ ନ୍ୟାୟଳୟ ଦ୍ୱାରା ଆକ୍ଷେପିତ ଆଦେଶ ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯାଇଥିବା ସିଏମପିର ପରିସର ଏବଂ ପରିଧି ବାହାରେ ରହିଛି।

୩.୩ ଏହା ଉପସ୍ଥାପନା କରାଗଲା  ଯେ ଥରେ ଏକତରଫା ଡିକ୍ରୀ ରଦ୍ଦ କରି ମାମଲା ପୁନଃସ୍ଥାପିତ କରାଯିବା ପରେ ଏବଂ ଲିଖିତ ବିବୃତିକୁ ରେକର୍ଡରେ ନେବା ପାଇଁ ଅନୁମତି ଦିଆଯିବ କି ନାହିଁ ସେ ବିଷୟରେ ବିଦ୍ୱାନ ବିଚାର କରୁଥିବା ଅଦାଲତଙ୍କ  ଦ୍ୱାରା କୌଣସି ଆଦେଶ ପାରିତ ହୋଇନଥିଲା, ଉଚ୍ଚ ନ୍ୟାୟାଳୟକୁ ଏ ବିଷୟରେ କିଛି ବିଚାର କରିବାର ନଥିଲା ଏବଂ ଏହାକୁ ବିଦ୍ୱାନ ବିଚାର କରୁଥିବା ଅଦାଲତଙ୍କ  ଉପରେ ଛାଡ଼ିଦେବା ଉଚିତ ଥିଲା।

୩.୪ ଏହା ଦାଖଲ କରାଗଲା ଯେ ଯେ ବର୍ତ୍ତମାନର ମାମଲାରେ ଲିଖିତ ବିବୃତି ରେକର୍ଡ ଭୁକ୍ତ  କରାଯିବ କି ନାହିଁ,  ସେ ବିଷୟରେ ବିଚାର କରୁଥିବା ଅଦାଲତଙ୍କ ଦ୍ୱାରା ଆଦେଶ ଦିଆଯାଇ ନାହିଁ ତାହା ଉଚ୍ଚ ନ୍ୟାୟାଳୟ ଦ୍ୱାରା **ସଂଗ୍ରାମ ସିଂ ବନାମ ନିର୍ବାଚନ ପ୍ରାଧିକରଣ, କୋଟା ଏବଂ ଅନ୍ୟଜଣେ**; ଏଆଇଆର ୧୯୫୫ଏସସି୪୨୫ ଏକ ମାମଲାରେ ବିଶ୍ୱାସ କରାଯାଇଥିବା ନିଷ୍ପତ୍ତି ଏବଂ **ଅର୍ଜୁନ ସିଂ ବନାମ ମହେନ୍ଦ୍ର କୁମାର ଏବଂ ଅନ୍ୟମାନଙ୍କ** ମାମଲାରେ: ଏଆଇଆର  ୧୯୬୪ ଏସସି ୯୯୩ ମାମଲାର ତଥ୍ୟ ଏହା ପାଇଁ ପ୍ରଯୁଜ୍ୟ ହେବ ନାହିଁ।

୪.  ବର୍ତ୍ତମାନର ଅପିଲ ଶ୍ରୀ ନୀତେଶ ଭଣ୍ଡାରୀ, ଏଠାକାର ପ୍ରତିବାଦୀ ନଂ. 1-ମୂଳ ବାଦୀଙ୍କ ତରଫରୁ ହାଜର ହେଉଥିବା ବିଦ୍ୱାନ ଓକିଲ ତୀବ୍ର ବିରୋଧ କରୁଛନ୍ତି।

୪.୧ ଏହି ତଥ୍ୟ ସତ୍ତ୍ୱେ କି ୨୦୧୨ ରୁ ୨୦୧୭ମଧ୍ୟରେ (ଏକତରଫା ଡିକ୍ରୀ ପାରିତ ହେବା ପର୍ଯ୍ୟନ୍ତ) ପ୍ରତିବାଦୀ ନଂ. ୨ ଏବଂ ୩ ଙ୍କୁ ସେମାନଙ୍କ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନେକ ସୁଯୋଗ ଦିଆଯାଇଥିଲା।ତେଣୁ ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ଆଦେଶ ଜାରି କରିବା ଉଚିତ ବୋଲି ବିଚାର କରି କହିଥିଲେ ଯେ ପ୍ରତିବାଦୀ ସଂଖ୍ୟା ୨ ଏବଂ ୩ କୁ ଏକତରଫା ଡିକ୍ରୀ ରଦ୍ଦ କରିବା ନେଇ ସେମାନଙ୍କ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ।

୪.୨ ଏହି ନ୍ୟାୟାଳୟ ସଂଗ୍ରାମ ସିଂ (ଉପରୋକ୍ତ) ଏବଂ ଅର୍ଜୁନ ସିଂ (ଉପରୋକ୍ତ) ଙ୍କ ମାମଲାରେ ଦେଇଥିବା ମତ ଅନୁଯାୟୀ ଯେତେବେଳେ ଏକ ଏକତରଫା ବିଚାରାଦେଶ ରଦ୍ଦ କରାଯାଇଥାଏ ଏବଂ ମାମଲା ଫାଇଲ କରିବା ପାଇଁ ପୁନଃସ୍ଥାପିତ କରାଯାଇଥାଏ, ସେତେବେଳେ ବିବାଦୀମାନଙ୍କୁ ମାମଲାର ଶୁଣାଣି ତାରିଖ ପୂର୍ବରୁ ସ୍ଥିତିକୁ ଫେରାଇ ଦିଆଯାଇ ପାରିବ ନାହିଁ ଏବଂ ତାଙ୍କୁ ମାମଲାରେ କୌଣସି ଲିଖିତ ବିବୃତି

ଦାଖଲ କରିବା ପାଇଁ ବାରଣ କରାଯିବା।ଏଠାରେଉପସ୍ଥାପନ କରାଗଲାଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ସମ୍ପୂର୍ଣ ଭାବେ ଆଇନ ଅନୁରୂପ ବୋଲି ଦର୍ଶାଯାଇଛି । ଯାହା **ସଂଗ୍ରାମ ସିଂ (ଉପରୋକ୍ତ) ଏବଂ ଅର୍ଜୁନ ସିଂ (ଉପରୋକ୍ତ) ଙ୍କ ମାମଲାରେ ଏହି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।**

୫. ଆମେ ସଂପୃକ୍ତ ପକ୍ଷଙ୍କ ତରଫରୁ ଉପସ୍ଥିତ ଥିବା ବିଦ୍ୱାନ ଓକିଲଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଶୁଣିଛୁ।

୬. ପ୍ରାରମ୍ଭରେ ଏହା ଧ୍ୟାନ ଦେବା ଆବଶ୍ୟକ ଯେ ଯେତେବେଳେ ଆବେଦନକାରୀ-ମୂଳ ବିବାଦୀ ସଂଖ୍ୟା ୨ ଏବଂ ୩ ଦେୱାନୀ କାର୍ଯବିଧି ସଂହିତାର ଆଦେଶ ୨ ନିୟମ ୧୩ ଅନ୍ତର୍ଗତ ସିଏମଏ ସଂଖ୍ୟା ୩୧/୨୦୧୮ଦାଖଲ କରିଥିଲେ, ସେମାନେ ବିଳମ୍ବକୁ କ୍ଷମା କରିବା ସହିତ ଏକତରଫା ବିଚାରାଦେଶକୁ ରଦ୍ଦ କରିବା ଏବଂ ଲିଖିତ ବିବୃତ୍ତିକୁ ଅନୁମତି ଦେବା ଏବଂ ଯୋଗ୍ୟତା ଆଧାରରେ ମାମଲା ଗ୍ରହଣ କରିବା ଲାଗି ପ୍ରାର୍ଥନା କରିଥିଲେ। ତା୦୫.୧୨.୨୦୧୯ରିଖର ଆଦେଶ ଅନୁଯାୟୀ ବିଚାର କରୁଥିବା ଅଦାଲତ ସିଏମଏ ନଂ. ୩୧/୨୦୧୮ରେ ବିଳମ୍ବ ପାଇଁ ଅନୁମତି ପ୍ରଦାନ କରିଥିଲେ ଏବଂ ଏକତରଫା ବିଚାରାଦେଶକୁ ଅଗ୍ରାହ୍ୟ କରି ପ୍ରତ୍ୟେକ ଆବେଦନକାରୀଙ୍କୁ ଟ୨୫୦୦୦/-ଙ୍କା ପ୍ରଦାନ କରିବା ପାଇଁ ଆଦେଶ ଦେଇଥିଲେ । ୨୦୧୯ ଡିସେମ୍ବର ୫ ତାରିଖରୁ ଏହା ଜଣାପଡୁନାହିଁ ଯେ ଏକପକ୍ଷୀୟ ବିଚାରାଦେଶକୁ ରଦ୍ଦ କରି ପ୍ରତିବାଦୀ ନଂ. ୨ ଏବଂ ୩ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯିବ କି ନାହିଁ ସେ ବିଷୟରେ ପୁନର୍ବାର କୌଣସି ଆଦେଶ ବିଦ୍ୱାନ ବିଚାରକରୁଥିବା ଅଦାଲତଙ୍କ ଦ୍ୱାରା କାଏମ କରାଯାଇଥିଲା । ବିଳମ୍ବକୁ କ୍ଷମା କରି ଏବଂ ଏକତରଫା ପକ୍ଷକୁ ଅଗ୍ରାହ୍ୟ କରି ବିଦ୍ୱାନ ବିଚାରକରୁଥିବା ଅଦାଲତଙ୍କ ଦ୍ୱାରା ପାରିତ ଏକପକ୍ଷୀୟ ବିଚାରାଦେଶକୁ ସୁନିଶ୍ଚିତ କରି ଏହି ଆକ୍ଷେପିତ ରାୟ ଓ ଆଦେଶ ଜାରି କରିଛନ୍ତି । ତେବେ ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ କହିଛନ୍ତି ଯେ ଏକତରଫା ବିଚାରାଦେଶ ଓ ମାମଲାର ପୁନଃସ୍ଥାପନ କୁ ଭିତ୍ତି କରି ପ୍ରତିବାଦୀ ସଂଖ୍ୟା ୨ ଏବଂ ୩ କୁ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ । **ସଂଗ୍ରାମ ସିଂହ** (ଉପରୋକ୍ତ) ଏବଂ **ଅର୍ଜୁନ ସିଂହ** (ଉପରୋକ୍ତ) ଙ୍କ ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତି ଉପରେ ବିଶ୍ୱାସ ରଖାଯାଇଛି । ତେବେ ଏହା ସତ୍ୟ ଯେ **ସଂଗ୍ରାମ ସିଂ** (ଉପରୋକ୍ତ) ଏବଂ **ଅର୍ଜୁନ ସିଂ** (ଉପରୋକ୍ତ) ଙ୍କ ମାମଲାରେ ଏହି ନ୍ୟାୟାଳୟର ନିର୍ଦ୍ଧାରିତ ଆଇନ ଅନୁଯାୟୀ ଯେତେବେଳେ ଏକ ଏକତରଫା ବିଚାରାଦେଶ ରଦ୍ଦ କରାଯାଇଥାଏ ଏବଂ ମାମଲା ପୁନଃସ୍ଥାପିତ କରାଯାଇଥାଏ, ସେତେବେଳେ ବିବାଦୀଙ୍କୁ ମାମଲାର ଶୁଣାଣି ତାରିଖ ପୂର୍ବରୁ ଅବସ୍ଥାପିତ କରାଯାଇ ପାରିବ ନାହିଁ ଯେତେବେଳେକି ସେମାନଙ୍କୁ ଏକତରଫା କରାଯାଇଥାଏ ।ତାଙ୍କୁ ମାମଲାରେ କୌଣସି ଲିଖିତ ବୟାନ ଦାଖଲ କରିବା ପାଇଁ ବାରଣ କରାଯିବ,

କିନ୍ତୁ ତା'ପରେ ସେ ମାମଲାର ଶୁଣାଣିରେ ଭାଗ ନେଇପାରିବେ କାରଣ ସେ ଅଭିଯୋଗକାରୀଙ୍କ ସାକ୍ଷୀଙ୍କୁ ପଚରାଉଚରା କରିପାରିବେ ଏବଂ ଯୁକ୍ତି ଉପସ୍ଥାପନ କରିପାରିବେ।ତେବେ ଆମର ଦୃଷ୍ଟିରେ ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତି ଅନୁସାରେ **ସଂଗ୍ରାମ ସିଂହ** (ଉପରୋକ୍ତ) ଏବଂ **ଅର୍ଜୁନ ସିଂହ** (ଉପରୋକ୍ତ) ଙ୍କ ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ଲାଗୁ ହେବ ନାହିଁ।ବର୍ତ୍ତମାନର ମାମଲାରେ, ଆଦେଶ ୯ ନିୟମ ୧୩ ଅଧୀନରେ ସିଏମଏ ଦାଖଲ କରିବା ଦ୍ୱାରା, ଏଥିରେ ଆବେଦନକାରୀମାନେ-ମୂଳ ବିବାଦୀୟ ସଂଖ୍ୟା ୨ ଏବଂ ୩ କେବଳ ଏକତରଫା ବିଚାରାଦେଶ ରଦ୍ଦ କରିବା ପାଇଁ ପ୍ରାର୍ଥନା କରିନଥିଲେ ବରଂ ସେମାନଙ୍କୁ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦେବା ପାଇଁ ମଧ୍ୟ ପ୍ରାର୍ଥନା କରିଥିଲେ।

ଉପରୋକ୍ତ ମତ ଅନୁଯାୟୀ, ଦ୍ୱିତୀୟ ପ୍ରାର୍ଥନା ଉପରେ ବିଦ୍ୱାନ ବିଚାରକରୁଥିବା ଅଦାଲତଙ୍କ ଦ୍ୱାରା କୌଣସି ଆଦେଶ ଏବଂ/କିମ୍ବା ନିଷ୍ପତ୍ତି ନଥିଲା, ଅର୍ଥାତ୍, ପ୍ରତିବାଦୀ ନଂ. ୨ ଏବଂ ୩ କୁ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯିବ କି ନାହିଁ। ତେଣୁ ଥରେ ଯେତେବେଳେ ଏକତରଫା ବିଚାରାଦେଶ ରଦ୍ଦ ହୋଇଯାଏ ଏବଂ ମାମଲା ପୁନଃସ୍ଥାପିତ ହୋଇଯାଏ ଏବଂ ଏପରିକି **ସଂଗ୍ରାମ ସିଂ** (ଉପରୋକ୍ତ) ଏବଂ **ଅର୍ଜୁନ ସିଂ** (ଉପରୋକ୍ତ) ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତି ଅନୁଯାୟୀ ପ୍ରତିବାଦୀଙ୍କୁ ସେହି ମାମଲାରେ ମଧ୍ୟ ଶୁଣାଣି ପୂର୍ବରୁ ସେହି ସ୍ଥିତିକୁ ଫେରାଇ ଦିଆଯାଇ ପାରିବ ନାହିଁ, ଏହା ପ୍ରତିବାଦୀଙ୍କୁ ଲିଖିତ ବୟାନ ଦାଖଲ କରିବା ପାଇଁ ଅନୁମତି ଦେବା ଉଚିତ କି ନାହିଁ ତାହାର ବିଚାର, ବିଚାର କରୁଥିବା ଅଦାଲତଙ୍କ ଉପରେ ଛାଡ଼ି ଦିଆଯିବା ଉଚିତ ଯାହାକି ସିଏମଏ ୩୧/୨୦୧୮ ରେ ପ୍ରାର୍ଥନା ଥିଲା ।

ଯେପରି କି ଉପରେ ଉଲ୍ଲେଖ କରାଯାଇଛି, ବିଦ୍ୱାନ ବିଚାରକରୁଥିବା ଅଦାଲତଙ୍କୁ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦେବା ପାଇଁ ପ୍ରତିବାଦୀ ସଂଖ୍ୟା ୨ ଏବଂ ୩ ଦ୍ୱାରା କରାଯାଇଥିବା ନିର୍ଦ୍ଦିଷ୍ଟ ଅନୁରୋଧ ଉପରେ କୌଣସି ଆଦେଶ ପାରିତ ହୋଇନଥିଲା । ବିଦ୍ୱାନ ବିଚାର କରୁଥିବା ଅଦାଲତ ତା ୦୫.୧୨.୨୦୧୯ରିଖ ଦିନ ବିଳମ୍ବକୁ କ୍ଷମା କରି ଏକପକ୍ଷୀୟ ଡିକ୍ରିକୁ ଖାରଜ କରିଦେଇଥିଲେ ଏବଂ ବିଳମ୍ବକୁ କ୍ଷମା କରିବା ଏବଂ ଏକପକ୍ଷୀୟ ଡିକ୍ରିକୁ ଖାରଜ କରିବାର ଆଦେଶ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ପ୍ରସଙ୍ଗ ଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା ପରବର୍ତ୍ତୀ ମନ୍ତବ୍ୟ କି ପ୍ରତିବାଦୀ ସଂଖ୍ୟା ୨ ଏବଂ ୩ କୁ ସେମାନଙ୍କ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ, ତାହା ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯାଇଥିବା ସିଏମପିର ପରିସର ଏବଂ ପରିଧି ବାହାରେ ବୋଲି କୁହାଯାଇପାରେ।ଏହି ପରିପ୍ରେକ୍ଷୀରେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆକ୍ଷେପିତ ରାୟ ଏବଂ ଆଦେଶ ଫଳରେ ପ୍ରତିବାଦୀ ସଂଖ୍ୟା ୨ ଏବଂ ୩ କୁ ସେମାନଙ୍କ ଲିଖିତ ବିବୃତି ଦାଖଲ କରିବା ପାଇଁ

ଅନୁମତି ଦିଆଯାଇ ପାରିବ ନାହିଁ ଏବଂଏହି ପ୍ରଶ୍ନ ଓ ପ୍ରସଙ୍ଗ ଯାହା ପ୍ରତିବାଦୀ ସଂଖ୍ୟା ୨ ଏବଂ ୩ କୁ ସେମାନଙ୍କ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯିବ କି ନାହିଁ, ତାହା ବିଚାର କରୁଥିବା ଅଦାଲତଙ୍କ ପାଖକୁ ପ୍ରତିପ୍ରେରଣ କରିବାକୁ ପଡିବ ।

୭. ଉପରୋକ୍ତ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏବଂ ଉପରୋକ୍ତ କାରଣରୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆକ୍ଷେପିତ ରାୟ ଏବଂ ଆଦେଶକୁ ଏହିପରି ଭାବେ ଖାରଜ କରାଯାଇଛି ଯେ, ଯଦିଓ ଏକତରଫା ବିଚାରାଦେଶ ରଦ୍ଦ କରାଯାଇଛି, ପ୍ରତିବାଦୀ ସଂଖ୍ୟା ୨ ଏବଂ ୩କୁ ସେମାନଙ୍କ ଲିଖିତ ବିବୃତି ଦାଖଲ କରିବା ପାଇଁ ଅନୁମତି ଦିଆଯାଇପାରିବ ନାହିଁ । ବିଦ୍ୱାନ ନ୍ୟାୟାଳୟ ପ୍ରତିବାଦୀ ନଂ. ୨ ଏବଂ ନଂ. ୩ ଙ୍କ ଲିଖିତ ବୟାନ ଦାଖଲ କରିବା ପାଇଁ ଅନୁମତି ଦିଆଯିବ କି ନାହିଁ ଏବଂ ଯେତେବେଳେ ଏପରି ପ୍ରଶ୍ନ/ପ୍ରସଙ୍ଗକୁ ବିଦ୍ୱାନ ନ୍ୟାୟାଳୟ ବିଚାର କରିବ, ସେତେବେଳେ ପ୍ରତିବାଦୀ ନଂ. ୧-ମୂଳ ବାଦୀ ଏହାର ବିରୋଧ କରିପାରିବେ ଏବଂ ବିଦ୍ୱାନ ନ୍ୟାୟାଳୟ ପ୍ରଶ୍ନ/ପ୍ରସଙ୍ଗକୁ ବିଚାର କରିପାରିବେ ଯେ ଏକତରଫା ଡିକ୍ରୀ ରଦ୍ଦ କରିବା ପରେ ବିପକ୍ଷ ସଂଖ୍ୟା ୨ ଏବଂ ୩, ଆଇନ ଅନୁସାରେ ଏବଂ ଏହାର ନିଜସ୍ୱ ଗୁଣବତ୍ତା ଆଧାରରେ, ଯାହା ପାଇଁ ଆମେ କୌଣସି ପକ୍ଷଙ୍କ ସପକ୍ଷରେ କିଛି ପ୍ରକାଶ କରିନାହୁଁ, ସେମାନଙ୍କ ଲିଖିତ ବୟାନ ଦାଖଲ କରିବା ପାଇଁ ଅନୁମତି ଦିଆଯାଇପାରେ । ବିଦ୍ୱାନ ବିଚାରକରୁଥିବା ଅଦାଲତ, ମାମଲାର ଶୁଣାଣିର ପ୍ରଥମ ତାରିଖରୁ ତିନି ମାସ ମଧ୍ୟରେ ଲିଖିତ ବିବୃତି ଦାଖଲ କରିବା ଲାଗି ପ୍ରତିବାଦୀ ନଂ. ୨ ଏବଂ ୩ ପ୍ରାର୍ଥୀଙ୍କ ପ୍ରସଙ୍ଗରେ ବିଚାର କରିବେ, ଯାହାକି ଆଜି ଠାରୁ ଏକ ମାସ ମଧ୍ୟରେ ହେବ। ବର୍ତ୍ତମାନର ଆବେଦନକୁ ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି।ଏହି ମାମଲାରେ ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ।

**(ଏମ. ଆର. ଶାହ) ବିଚାରପତି**

**(ବି. ଭି . ନାଗରତ୍ନ ) ବିଚାରପତି**

ନୂଆଦିଲ୍ଲୀ
୧୭ ମେ, ୨୦୨୨


**ଅସ୍ୱୀକାର ପତ୍ର**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"


**TRANSLATED BY**:
Shri Jatadhari Sethi
Translator, High Court of Orissa, Cuttack.